ସାହିତ୍ୟ ଶବ୍ଦର ଖେଳ : ରାଜ୍ୟପାଳ

ଭୁବନେଶ୍ୱର, ୧୫।୧୦(ସକାଳଖବର): ସାହିତ ହେଉଛି ଶବ୍ଦର ଖେଳ ବୋଲି କହିଛନ୍ତି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। କାଦମ୍ବିନୀ ପତ୍ରିକା ପକ୍ଷରୁ ଆୟୋଜିତ ଶାରଦୀୟ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ସାହିତ୍ୟ ହେଉଛି ମମତାମୂଳକ, ସମତାମୂଳକ, ଆନନ୍ଦମୂଳକ, ଚିମୂଳକ ଓ ମାୟାମୂଳକ। ସାହିତ୍ୟ ମାଧ୍ୟମରେ ଆନନ୍ଦ ପ୍ରାପ୍ତି ହୋଇପାରେ । ସେହିପରି ଏହା ସମାଜରେ ସମସ୍ତଙ୍କୁ ବାନ୍ଧି ରଖିବାରେ ସାହାଯ କରିଥାଏ । ସାହିତ ମଧ ଆମକୁ ପରମାତ୍ମାଙ୍କ ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରଫେସର ଲାଲ କହିଥିଲେ । କାଦମ୍ବିନୀର ବାଖ୍ୟା କରିବାକୁ ଯାଇ ସେ କହିଲେ, କାଦମ୍ବିନୀ ଅର୍ଥ ହେଉଛି ମେଘମାଳା । ବର୍ଷ ଯେପରି ଉଦ୍ଭିଦଠାରୁ ଆରମ୍ଭ କରି ପ୍ରାଣୀ ଜଗତ ଓ ଜୀବଜଗତକୁ ପୁଲ୍ଲକିତ କରିଥାଏ, ସେହିପରି କାଦମ୍ବିନୀ ପତ୍ରିକା ତାହାର ଲେଖା ମାଧ୍ୟମରେ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରୁଥିବ ବୋଲି ପ୍ରଫେସର ଲାଲ କହିଥିଲେ । ଏହି ବନ୍ଧୁ ମିଳନରେ ମୁଖବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ବସନ୍ତ ପଣ୍ଡା କାଦମ୍ବିନୀର ପୂଜା ବିଶେଷାଙ୍କ ଉପରେ ଆଲୋକପାତ କରି କହିଲେ, କାଦମ୍ବିନୀ ଆଜି ଘରେ ଘରେ ପରିଚିତ। ଏହା ସଂପୂର୍ଣ୍ଣ ଭାବେ ଏକ ପାରିବାରିକ ପତ୍ରିକା ହୋଇଥିବାରୁ ପାଠକଙ୍କ ଆଦୃତ ଲାଭ କରିପାରିଛି । ଏଥିରେ ଅଧକ୍ଷତା କରି ବିଶିଷ୍ଟ ସାହିତିକ ଶାନ୍ତନୁ ଆଚାର୍ଯ୍ୟ କହିଲେ, ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ ବହୁ ଉଚ୍ଚକୋଟୀର ଏବଂ ସମୃଦ୍ଧଶାଳୀ ହୋଇଥିଲେ ମଧ ଏ ବାବଦରେ କୌଣସି ସାହିତ ପତ୍ରିକା ଆଲୋଚନା କରନ୍ତି ନାହିଁ। କାଦମ୍ବିନୀ ଚଳିତ ସଂଖ୍ୟାରେ ଭୁବନେଶ୍ୱର ଉପରେ ଯେଉଁ ସ୍ୱତନ୍ତ୍ର ଉପସ୍ଥାପନା କରିଛନ୍ତି ସେଥିରେ ଭୁବନେଶ୍ୱରରେ ଥିବା ମନ୍ଦିରଗୁଡ଼ିକ ଉପରେ ଆଲୋଚନା କରାଯାଇଛି । ଏଥିପାଇଁ ସେ କାଦମ୍ବିନୀର ସଂପାଦିକା ଡ. ଇତି ସାମନ୍ତଙ୍କୁ ଧନବାଦ ଜଣାଇଥିଲେ । ଅନ୍ୟତମ ଅତିଥି ଭାବେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡ. ଜୟନ୍ତୀ ରଥ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ ଉପରେ ଆଲୋକପାତ କରି କହିଲେ, ଓଡ଼ିଶାର କଳା ଓ ସଂସ୍କୃତି ସମୃଦ୍ଧଶାଳୀ । ଏହାର କଳା, ସଂସ୍କୃତି ଓ ଐତିହ ବହୁ ପୁରାତନ। ଏ ସଂପର୍କରେ ରାଜ୍ୟ ଅଭିଲେଖାଗାର ଓ ରାଜ୍ୟ ସଂଗ୍ରହାଳୟରେ ବହୁ ଉପାଦେୟ ପୁସ୍ତକ, ତଥ୍ୟ ଓ ନମୂନା ରହିଛି । କିନ୍ତୁ ରାଜ ଅଭିଲେଖାଗାର ଓ ସଂଗ୍ରହାଳୟ ସଂପର୍କରେ ଓଡ଼ିଶାର ଅନେକ ଲୋକଙ୍କ ଧାରଣା ନାହିଁ । କାଦମ୍ବିନୀର ପୂଜା ସଂଖ୍ୟାରେ ଭୁବନେଶ୍ୱର ଉପରେ ଏକ ସ୍ୱତନ୍ତ୍ର ସଂସ୍କରଣରେ ଓଡ଼ିଶା ଅଭିଲେଖା ଓ ରାଜ୍ୟ ସଂଗ୍ରହାଳୟ ସଂପର୍କରେ ବିସ୍ତୃତ ଲେଖା ପ୍ରକାଶ ପାଇଥିବାରୁ ଓଡ଼ିଶାର ଲୋକେ ଏ ସଂପର୍କରେ ଅବଗତ ହୋଇପାରିବେ । କାଦମ୍ବିନୀ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦିକା ଡ. ଇତି ସାମନ୍ତ ଧନବାଦ ଅର୍ପଣ କରିଥିଲେ। ଏହି ଅବସରରେ କାଦମ୍ବିନୀର ପୂଜା ସଂଖାକୁ ରାଜପାଳ ଉନ୍ମୋଚନ କରିଥିଲେ ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କେନ୍ଦୁଝର, ୧୫।୧୦(ସକାଳଖବର): ଓଡିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ରବିବାର ଦିନ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଓଡିଶାର ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ହୃଷିକେଶ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାଇ ମୁନ୍ଦୁୟା, ଲୋକସଭା ସଦସ୍ୟା ଶ୍ରୀମତୀ ଶକୁନ୍ତଳା ଲାଗୁରୀ,କେନ୍ଦୁଝର ବିଧାୟକ ଅଭିରାମ ନାଏକ, ଆନନ୍ଦପୁର ବିଧାୟକ ମାୟାଧର ଜେନା, ଜିଲ୍ଲାପାଳ ଆଶିଷ ଠାକ୍ରେ, ପିଏ ଆଇଟିଡିଏ ନାରାୟଣ ଚନ୍ଦ୍ର ମୁର୍ମୁ, ଜିଲ୍ଲା କଲ୍ୟାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ଜୁଆଙ୍ଗ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ବିଶ୍ୱଦର୍ଶୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକ୍ରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ଶ୍ରୀ ମାଝୀ , ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ହୋଇଥିବା କାରଣରୁ ଆସୁଥିବା ଅର୍ଥର ସମୟ ଉପଯୋଗୀ ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ,ଛାତ୍ରାବାସ,ଛାତ୍ରୀନିବାସର ପରିଚାଳନା ଓ ପ୍ରି-ମାଟ୍ରିକ୍ ବୃତି ପ୍ରଦାନ ଉପରେ ସମୀକ୍ଷା କରି ଅନ୍ତେବାସୀମାନଙ୍କର ସୁରକ୍ଷା ଓ ନିରାପତା ଉପରେ ଗୁରୁତ୍ୱାରୋପ କରି ଆଗାମୀ ଶିକ୍ଷାବର୍ଷରେ ଏକହଜାରଟି ବିଦ୍ୟାଳୟରେ ସିସିଟିଭି ଲଗାଇବା ପାଇଁ ସରକାର ଯୋଜନା କରୁଥିବା ପ୍ରକାଶ କରିଥିଲେ। ଛାତ୍ରାବାସମାନଙ୍କରେ ଭିତିଭୂମିର ବିକାଶ, ଇନଭଟର ବ୍ୟବସ୍ଥା, କମ୍ବଳ, ମଶାରୀ ଯୋଗାଣ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କସ୍ଥିତି ଓ ନିଯୁକ୍ତି, ଛାତ୍ରାବାସ/ଛାତ୍ରୀନିବାସ ନିର୍ମାଣ, ଛାତ୍ରାବାସମାନଙ୍କରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ଏତଦ୍ ବ୍ୟତୀତ ଜିଲ୍ଲାରେ ଅନ୍ୱେଷା କାର୍ଯ୍ୟକ୍ରମ ଏବଂ ଛାତ୍ରାବାସ/ଛାତ୍ରୀନିବାସ ନିର୍ମାଣ ଓ ଏହାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ଛାତ୍ରଛାତ୍ରୀମାନଙ୍କର ହିତ ଦୃଷ୍ଟିରୁ ଭିତିଭୂମି ସହିତ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ଥିବା ବିଦ୍ୟାଳୟମାନଙ୍କରେ +୨ ପାଠ୍ୟକ୍ରମ ବ୍ୟବସ୍ଥା କରିବା ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା,ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ପାତ୍ର ଦୃଷ୍ଟି ଆକର୍ଷଣ କରିବା ପରେ ବିହିତ ପଦକ୍ଷେପ ନିଆଯିବା ବୋଲି ମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଥିଲେ। ଏଦିଗରେ ଆବଶ୍ୟକୀୟ ଆର୍ଥିକ ସହଯୋଗ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକ୍ରେ ପ୍ରକାଶ କରିଥିଲେ। ଗୋନାସିକା ଓ କୁସୁମିତାଠାରେ ଥିବା ଏଜୁକେସନାଲ କମ୍ପ୍ଲେକ୍ସର ପରିଚାଳନା ବିଷୟରେ ମଧ୍ୟ ବୈଠକରେ ସମୀକ୍ଷା ହୋଇଥିଲା। ଅନୁସୂଚିତ ଜନଜାତି ବର୍ଗର ଲୋକମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସଂପର୍କରେ ସମୀକ୍ଷା କରି ଯେଉଁ କ୍ଷେତ୍ରରେ ହିତାଧିକାରୀ ପଟ୍ଟା ପାଇଥିବା ଜଙ୍ଗଲ ଜମି ଅଧିକାର କରିନାହାନ୍ତି ଯଥାଶୀଘ୍ର ଚିହ୍ନଟ ପୂର୍ବକ ସେମାନଙ୍କୁ ପଟ୍ଟା ଜମି ପ୍ରଦାନ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ବହୁମୁଖୀ ଗୋଷ୍ଠୀ ସାଂସ୍କୃତିକ କେନ୍ଦ୍ର ନିର୍ମାଣ,ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା କାର୍ଯ୍ୟକ୍ରମ,ଓଡିଶା ଆଦିମ ଜନଜାତି ଜୀବିକା କାର୍ଯ୍ୟକ୍ରମ ସଂପର୍କରେ ମନ୍ତ୍ରୀ ଶ୍ରୀ ମାଝୀ ସମୀକ୍ଷା କରିଥିଲେ।

ବିଜେପିର କର୍ମକର୍ତାଙ୍କ ବୈଠକ

ପୁରୀ, ୧୫।୧୦(ସକାଳଖବର): ବିଜେପି ପୁରୀ ସଦର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତା ବୈଠକ ଲୋକନାଥ ରୋଡ ଛପନଛକ କଲ୍ୟାଣ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରେଣୀ ସଦସ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରି କହିଲେ, ପୁରୀ ସଦର ନିର୍ବାଚନ ମଣ୍ଡଳୀରେ ଦୀର୍ଘ ୨୦ ବର୍ଷ ଧରି ବିଭିନ୍ନ ଦୁର୍ନୀତି ତାର କରାଳ ଛାୟା ମେଲିଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସୁଫଳ ଜନସାଧାରଣ ପାଇ ପାରୁ ନାହାଁନ୍ତି। ବିଭିନ୍ନ ସମସ୍ୟା ନେଇ ସଦର ବ୍ଲକ ଘେରାଉ, ଆୟୁଷ୍ମାନ ଭାରତ ଯୋଜନାରେ ଦସ୍ତଖତ ଅଭିଯାନ, ବୁଥ୍ ଲେଭଲ ଏଜେଣ୍ଟ ଓ ବୁଥ୍ କୁ ମଜବୁତ୍ କରିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଥିଲା। ପୁରୀ ସଦର ନିର୍ବଚନ ମଣ୍ଡଳୀର ୨୨ଟି ପଂଚାୟତର ପ୍ରମୁଖ, ସହ ପ୍ରମୁଖ ଓ ପୁରୀ ସହରର ୩୨ ୱାର୍ଡର କର୍ମୀମାନେ ଯୋଗଦେଇଥିଲେ। ସ୍ୱଚ୍ଛ ଭାରତର ଦୁର୍ନୀତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଖାଉଟି କାର୍ଡ ପ୍ରଦାନରେ ଅନୀୟମିତତା ଆଦି ପ୍ରସଙ୍ଗକୁ ନେଇ ବିଜେପି ଆଗାମୀ ଦିନରେ ବିରାଟ ଶୋଭାଯାତ୍ରା ସହ ବ୍ଲକ ଘେରାଉ କରିବେ। ଏହି ବୈଠକରେ ପୁରୀ ବିଧାନସଭାର ପ୍ରଭାରି କୃଷ୍ଣ ଚନ୍ଦ୍ର ଜଗଦ୍ଦେବ, ବିସ୍ତାରକ ବିଶ୍ୱଜିତ ବେହେରା, ପୁରୀ ନଗର ମଣ୍ଡଳ ସଭାପତି ନାରାୟଣ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ସଞ୍ଜୟ ପ୍ରଧାନ, ସ୍ୱଚ୍ଛ ଭାରତ ଅଭିଯାନର ସଂଯୋଜକ ହେମନ୍ତ ମହାନ୍ତି, ସଚ୍ଚିନ୍ଦ୍ର ବାନାର୍ଜୀ, ମାନସ ଲେଙ୍କା ଓ ସଚ୍ଚିନନ୍ଦନ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ପଣ୍ଡା, ଅଜୟ ସାହୁ, ବିଷ୍ଣୁ ପ୍ରସାଦ ଦାସ, ନୀଳମଣୀ ସାହୁ, ବିଶ୍ୱାନନ୍ଦ ଭ୍ରମବର ରାୟ, ରାଜଶ୍ରୀ ଦୋରା, ସୁଦେଶା ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ।

ବିଜେଡି ସଂଖ୍ୟାଲଘୁ ସେଲର ମିଶ୍ରଣ ପର୍ବ

ବାଲେଶ୍ୱର,୧୫।୧୦(ସକାଳଖବର): ବିଜେଡି ସଂଖ୍ୟାଲଘୁ ସେଲ ନଗର ଶାଖାର ଏକ ମିଶ୍ରଣ ପର୍ବ ସ୍ଥାନୀୟ ହୋଟେଲ କଳିଙ୍ଗ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ବିଧିବଦ୍ଧ ଭାବେ ଆଜି ଦଳରେ ଯୋଗଦେବା ସହିତ ସେମାନଙ୍କୁ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ସଂଖ୍ୟାଲଘୁ ସେଲ ନଗର କମିଟି ସଭାପତି ସଲିମ ରାଜା ସଂଯୋଜନା କରିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଏବଂ ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଯୁବନେତା ଧୀରେନ୍ ନାୟକ ପ୍ରମୁଖ ଏଥିରେ ଯୋଗଦେଇ ନବାଗତ କର୍ମୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହ ଆଗାମୀ ଦିନରେ ବିଜେଡିର ସଂଗଠନ କ୍ରମଶଃ ଅଧିକ ଦୃଢ଼ ହେବାକୁ ଯାଉଥିବା ସେମାନେ ମତ ପ୍ରକାଶ କରିଥିଲେ। ପ୍ରତ୍ୟେକ କର୍ମୀ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ କର୍ମକର୍ତ୍ତାମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣୀତ ହୋଇ ବହୁ ନବାଗତ କର୍ମୀ ଦଳରେ ଯୋଗଦାନ କରୁଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ତେବେ ସମସ୍ତଙ୍କର ନିଷ୍ଠାପର ସହଯୋଗ ଓ କାର୍ଯ୍ୟରେ ଆଗାମୀ ନିର୍ବାଚନରେ ବିଜେଡି ଆଶାତୀତ ସଫଳତା ମିଳିବ ବୋଲି ସେମାନେ କହିଥିଲେ। ଅନ୍ୟପକ୍ଷରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଜେଡିର ଶୃଙ୍ଖଳାଗତ ଅନୁଶାସନରେ ଅନୁପ୍ରାଣୀତ ହୋଇ ସେମାନେ ଦଳରେ ଯୋଗଦେଇଥିବା ନବାଗତ କର୍ମୀମାନେ ପ୍ରକାଶ କରିଥିଲେ। ବିଜେଡି ସଂଖ୍ୟାଲଘୁ ସେଲର ବହୁ କର୍ମକର୍ତ୍ତା ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

ପାର୍ବଣ ଋତୁରେ ପ୍ଲାଷ୍ଟିକ ଫୁଲର ଚାହିଦା ବଢୁଛି

ଧର୍ମଶାଳା,୧୫।୧୦(ସକାଳଖବର): ବର୍ତମାନ ଚାଲିଛି ପାର୍ବଣ ଋତୁ। ଏହି ଅବସରରେ ଘରେ ଘରେ ପର୍ବପର୍ବାଣୀ ସହିତ ଦେବାଦେବୀଙ୍କ ପୂଜାର୍ଚ୍ଚନା ଜାରି ରହିଛି। ଏହି ଅବସରରେ ଫୁଲର ଆବଶ୍ୟକତା ରହିଥିବା ବେଳେ ସଜ ଫୁଲ ଅପେକ୍ଷା ପ୍ଲାଷ୍ଟିକ ଫୁଲ ସେହି ସ୍ଥାନ ନେଇଛି। ବର୍ତମାନ ତାଜା ଫୁଲର ଅଭାବ ଓ ମୂଲ୍ୟାଧିକ ଯୋଗୁ ଲୋକେ ପ୍ଲାଷ୍ଟିକ ଫୁଲକୁ ପସନ୍ଦ କରୁଛନ୍ତି। ଯାହା ଫଳରେ ପ୍ରତି ଛକରେ ପ୍ଲାଷ୍ଟିକ ଫୁଲର ଦୋକାନ ଖୋଲିଥିବା ଦେଖିବାକୁ ମିଳୁଛି। କମ୍ ମୂଲ୍ୟ ଓ ଆକର୍ଷଣୀୟ ହୋଇଥିବାରୁ ଲୋକେ ଏହାକୁ ବିନା ଦ୍ୱିଧାରେ ଗ୍ରହଣ କରୁଛନ୍ତି। ଏନେଇ ସଜ ଫୁଲ ବ୍ୟବସାୟୀ କହିଛନ୍ତି ଲୋକେ ପ୍ଲାଷ୍ଟିକ ଫୁଲର ମୂଲ୍ୟ କମ୍ ଯୋଗୁ ଏହାକୁ କିଣି ପୂଜା ପର୍ବାଣୀରେ ବ୍ୟବହାର କରୁଛନ୍ତି ଓ ଏହା ବହୁବାର ବ୍ୟବହାର ଉପଯୋଗୀ ହୋଇପାରୁଛି। ଏପରି ସ୍ଥିତିରେ ଏହି ଫୁଲ ସଜ ଫୁଲ ବ୍ୟବହାରକୁ ମାନ୍ଦା କରୁଥିବା ବ୍ୟବସାୟୀ ସ୍ୱୀକାର କରିଛନ୍ତି।

ଖଡିମାହାରା ଅଗ୍ନି ବିପନ୍ନଙ୍କୁ ସାହାଯ୍ୟ

ଧାମନଗର ୧୫।୧୦(ସକାଳଖବର): ଗତ ଆଠଦିନ ତଳେ ଧାମନଗର ବ୍ଲକ ଅନ୍ତର୍ଗତ ବମକୁରା ଗ୍ରାମ ପଞ୍ଚାୟତର ଖଡିମାହାରା ଗ୍ରାମରେ ଭୟାଭହ ଅଗ୍ନିକାଣ୍ଡ ଘଟି ବହୁ ଧନହାନୀ ଘଟିଥିଲା । ଦେଶବନ୍ଧୁ ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଜାଗୁଲାଇ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ରାଉତଙ୍କ ଉଦ୍ୟମରେ ଅଗ୍ନି ବିପନ୍ନ ପରିବାରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି ପାବନ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ପଣ୍ଡୁ, ଶଙ୍କର୍ଷଣ ମଳିକ, ଭାସ୍କର ଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ଦାସ, ହୃନକ ମଳିକ, ପ୍ରବୀର ବେହେରା, ସଂଞ୍ଜୟ ପାଢୀ, ଧର୍ମେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ଏମାନେ ଆବଶ୍ୟକୀୟ ସାମଗ୍ରୀ ମଧ୍ୟରେ ଅଟା ୧୨କି.ଗ୍ରା, ଦିଆସିଲି ୪ ପ୍ୟାକେଟ୍, କ୍ୟାଣ୍ଡେଲ ୧ପ୍ୟାକେଟ, ଶାଢି ୮ଗୋଟି, ଲୁଙ୍ଗି ୮ଗୋଟି, ଗାମୁଛା ୫ଗୋଟି, ଗଞ୍ଜି ୩ଗୋଟି ଏବଂ ନଗଦ ୩୫ଶହ ଟଙ୍କା ପ୍ରଦାନ କରିଥିଲେ ।

୧୦୦ ରୁ ଉର୍ଦ୍ଧ୍ୱ ଲିଟର ମଦ ଜବତ ୭ ଗିରଫ

ଖୋର୍ଦ୍ଧା ୧୫।୧୦(ସକାଳଖବର): ଖୋରଧା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଇନିସ୍‌ପେକ୍ଟର ରଂଜନ କୁମାର ନାୟକଙ୍କ ନେତୃତ୍ୱରେ ଦୁଇଦିନ ଧରି ଚଢାଉ କରି ବିଭିନ୍ନ ଅଞ୍ଚଳରୁ ୧୦୦ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିବାବେଳେ ୭ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ସୂଚନା ଯୋଗ୍ୟ ଗତକାଲି ଖୋର୍ଦ୍ଧା ଟାଉନଥାନା ଅନ୍ତର୍ଗତ ବଗିଡା ଗ୍ରାମରେ ଚଢାଉ କରାଯାଇ ଗ୍ରାମର ଅଶ୍ୱିନି କୁମାର ଜେନାଙ୍କ (୨୬) ଠାରୁ ୬ଲିଟର ଦେଶି ମଦ ଜବତ କରାଯାଇଥିବା ବେଳେ ସଦରଥାନା ଅ'ର୍ଗତ ଡ଼ାଲଟୋଲା ଗ୍ରାମର ଶଙ୍କର ଦଳେଇ (୩୨)ଙ୍କ ଠାରୁ ୬୦ ଲିଟର ରନ୍ଧା ଦେଶୀ ମଦ ଡ଼ାଲଟୋଲା ନିଆଁମୂଳା ଗ୍ରାମର କମ୍ପାନୀ ପ୍ରଧାନ(୪୦)ଙ୍କ ଠାରୁ ଦେଶି ମଦ ସେହିପରି ବେଗୁନିଆ ଓଗାଳପୁର ଗ୍ରାମର ଅମିନ ବଳିଆରସିଂହ (୩୫)ଙ୍କ ଠାରୁ ୨.୫ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଆଜି ବେଗୁନିଆ ଥାନା ଅ'ର୍ଗତ ଗୋବିନ୍ଦପୁର ଗ୍ରାମର ଲକ୍ଷ୍ମଣ ନାୟକ (୪୧)ଙ୍କ ଠାରୁ ୫ଲିଟର ଦେଶୀ ମଦ ମାଧପୁରଗ୍ରାମର ଲକ୍ଷ୍ମଣ ସ୍ୱାଇଁ (୩୪)ଙ୍କ ଠାରୁ ୮ଲିଟର ଦେଶୀ ମଦ ବଡ଼ବେରଣା ଗ୍ରାମର ଫଗୁଆ ମଲ୍ଲିକ (୪୦)ଙ୍କ ଠାରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ ଜବତ ହୋଇଥିବା ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିବା ସହ ମାମଲା ରୁଜୁ କରାଯାଇ କୋର୍ଟ ଫରୁଆଡ଼ କରାଯାଇଛି। ଏହି ଚଢାଉରେ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ବ୍ୟାପକ ଗାଡ଼ି ଚଳାଚଳ ଯୋଗୁଁ ପାରଳାଖେମୁଣ୍ଡି ସହର ପ୍ରଦୂଷଣ

ପାରଳାଖେମୁଣ୍ଡି,୧୫।୧୦(ସକାଳଖବର): ଗଜପତି ଜିଲ୍ଲାରେ ଅନ୍ୟ ଅଂଚଳର ଦୁଇ ଚକିଆ, ତିନି ଚକିଆ ଅଟୋ, ଚାରି ଚକିଆ ଯାନବହାନ ବହୁଳ ଭାବେ ଚଳାଚଳ କରୁଥିବା ଦେଖାଯାଇଛି । ଏପରି ଚଳଚଳାରେ ବିଶେଷ ଭାବେ ପରଳାଖେମୁଣ୍ଡି ସହରର ବାୟୁ ବ୍ୟାପକ ଭାବେ ପ୍ରଦୂଷଣ ହେଉଛି । ଅନିୟମିତତା ଭାବେ ଚଳାଚଳ କରୁଥିବା ଗାଡ଼ି ଗୁଡ଼ିକୁ ନିୟମିତ ଭାବେ ଯାଂଚ କରାଯାଇ ପାରୁନଥିବାରୁ ସାଧାରଣରେ ଚର୍ଚ୍ଚା ହଉଛି । ଏହା ଭିତରେ ଜିଲ୍ଲା ପରିବହନ ଅଧିକାରୀ ତିନୋଟି ଚାରି ଚକିଆ ଗାଡ଼ି ଯାଂଚ ବେଳେ ଅନିୟମିତତା ଯୋଗୁ ଗାଡ଼ି ଗୁଡ଼ିକୁ ଜବତ କରିଛନ୍ତି । ଏହି ଗାଡ଼ି ଗୁଡ଼ିକରେ ଲାଇସେନ୍ସ ନଥିବା ବେଳେ ଗାଡ଼ିର ଟାକ୍ସ ବନ୍ଧା ହୋଇନଥିବାର ଓ ଗାଡ଼ିର ଫିଟନେସ ନ ଥିବା ଜଣାପଡ଼ିଛି । ଏହି ଭଳି ବହୁ ଗାଡ଼ି ଠିକ୍ ଭାବେ ସମସ୍ତ କାଗଜ ନଥାଇ ଚଳାଚଳ କରୁଥିବା ବେଳେ ଦୁର୍ଘଟଣା ଘଟିଲେ ଗାଡ଼ିରେ ପରିବହନ ହେଉଥିବା ଲୋକେ କ୍ଷତିପୂରଣ ପାଇପାରୁନାହାନ୍ତି । ଗାଡ଼ି ଗୁଡ଼ିକରେ ଅତ୍ୟାଧିକ ଲୋକଙ୍କୁ ପରିବହନ କରୁଥିବା ବେଳେ ବିଶେଷ ଭାବେ ଘାଟି ରାସ୍ତାରେ କୌଣସି ଅଘଟଣ ଘଟିଲେ ବଂଚିବାର ଆଶା ନଥାଏ । ପରିବହନ ବିଭାଗ ଓ ପୋଲିସ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ କଲେ ଜନ ସାଧାରଣ ଉପକୃତ ହୁଅନ୍ତେ । ସରକାର ନିଜର ଗାଡ଼ି ଚଳାଚଳ କରିବାକୁ ଜନସାଧାରଣ ଅନୁରୋଧ କରିଛନ୍ତି ।

ଐତିହାସିକ ଜଗନ୍ନାଥ ସାଗରର ସଫେଇ କାର୍ଯ୍ୟ ଆରମ୍ଭ

ଜୟପୁର, ୧୫।୧୦(ସକାଳଖବର): ଜୟପୁର ଜଗନ୍ନାଥ ସାଗରର ସଫେଇ କାଯ୍ୟ ଆଜି ଠାରୁ ଆରମ୍ଭ ହୋଇଛି । ଏହି ସାଗରରେ ଦଳ ଭର୍ତ୍ତି ହୋଇଥିବା ବେଳେ ସହରର ଆବର୍ଜନା ପାଣି ଭିତରେ ପଶି ପାଣି ଦୁଷିତ ହେବା ସହ ଧିରେ ଧିରେ ତୋପି ହୋବାକୁ ଲାଗିଥିଲା । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତି, ଉପ ଜିଲାପାଳ ଲୋକ ନାଥ ଦଳ ବେହେରା, ପୌର କାଯ୍ୟନିବାହି ଅଧିକାରି ସଞ୍ଜୟ ଆଚାଯ୍ୟ, ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ୩ଶହ ଏକର ପରିମିତି ଏହି ସାଗର ମଧ୍ୟ ଧିରେ ଧିରେ ଜବରଦଖଲ କାରୀ କବ୍ଜାରେ ରହି ୧ ଶହ ଏକରକୁ ଚାଲି ଆସିଛି । ତେଣୁ ଏହାକୁ ଉଚ୍ଛେଦ କରି ପୁବ ଗୌରବ ଫେରି ଆଣିବାରୁ ସହର ବାସୀ ଦାବୀ କରିଛନ୍ତି ।ସହରର ବିଭିନ୍ନ ସଂଗଠନ ତରଫରୁ ଦାବି ହେବା ପରେ ପ୍ରଶାସନ ଗୁରୁତର ସହ ନେଇ ଏହାର ସଫେଇ କାଯ୍ୟ ଆଜି ଠାରୁ ଆରମ୍ଭ ହୋଇଛି । ଜଗନ୍ନାଥ ସାଗର ଏକ ଐତିହାସିକ ସ୍ଥଳ ହୋଇଥିବାରୁ ଓଡ୍ରାଫ ଟିମ, ପୌରପାଳିକା, ବିଜୁ ଯୁବ ବାହିନି, ସ୍ୱେଚ୍ଛାସେବି ବିଭିନ୍ନ ସଂଗଠନ ସାମିଲ ହୋଇଥିଲେଦଳ ବାହାର କାଯ୍ୟରେ ସାମିଲ ହୋଇଥିଲେ । ଓଡ୍ରାଫ ଟିମ ବୋଟ ସହ ଦେଶି ଡଙ୍ଗା ଧାରି ସାଗରେ ଭିତରେ ପସି ରଶି ସହ ଦଳକୁ ଟାଣି ଆଣି କୁଳରେ ରଖୁଥିଲେ । ପରେ ସେଜିବି ଦ୍ୱାରା ତାକୁ ବାହାର କରୁଥିଲେ । ଏମିତିକି ସ୍ୱଛେସେବି ମାନେ ମଧ୍ୟ ସାଗର ଭିତିରେ ପଶି ଦଳ ବାହାର କରିବାରେ ସହ ଯୋଗ କରିଥିଲେ । ଦଳ ବାହାରିବା ପରେ ସାଗରର ବିକାଶ ହେବା ସହ ମତ୍ସଜିବି ମାନେ ମଧ୍ୟ ଉପକୃହୋଇ ପାରିବେ । ସାଗରର ମଧ୍ୟ ବିକାଶ ହୋଇ ପାରିବ ।

‘ଯୁଗଶ୍ରୀ ଯୁଗନାରୀ’ପକ୍ଷରୁ ଶାରଦୀୟ ସାରସ୍ୱତ ସମାରୋହ

ଶାରଦୀୟ ସାରସ୍ୱତ ସମାରୋହ
jj
ଯୁଗଶ୍ରୀ ଯୁଗନାରୀ

ବାଲେଶ୍ୱର,୧୫।୧୦(ସକାଳଖବର): ଅନ୍ୟତମ ଓଡ଼ିଆ ମାସିକ ମହିଳା ପତ୍ରିକା ‘ଯୁଗଶ୍ରୀ ଯୁଗନାରୀ’ର ଶାରଦୀୟ ସାରସ୍ୱତ ସମାରୋହ ଓ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ‘ଆତଥ୍ୟ’ସଭାଗୃହଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ପୂର୍ବାଞ୍ଚଳ ପୁଲିସ ଡିଆଇଜି ଅମରେନ୍ଦ୍ରନାଥ ସିହ୍ନା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହିତ ଓଡ଼ିଆ ଭାଷାକୁ ଏକ ମଧୁର ଭାଷା ବୋଲି ଉଲ୍ଲେଖ କରିଥିଲେ । ନାରୀଶକ୍ତି ଜାଗରଣରେ ଏହି ପତ୍ରିକା ବେଶ ସହାୟକ ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ। ତେବେ ପୁରୁଷ ସର୍ବସ୍ୱ ସମାଜରେ ନାରୀମାନେ ଜାଗ୍ରତ ହୋଇପାରିଲେ ମହିଷାସର ଭଳି ମାନସିକତାର ବିଲୋପ ହୋଇପାରିବ ବୋଲି ଶ୍ରୀ ସିହ୍ନା କହିଥିଲେ। ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ୍ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ‘ଯୁଗଶ୍ରୀ ଯୁଗନାରୀ’ ପତ୍ରିକାକୁ ଏକ ଯୁଗାନ୍ତକାରୀ ପତ୍ରିକା ଭାବେ ବର୍ଣ୍ଣନା କରି ଅନେକ ଭଲ ଲେଖା ପଢ଼ିବା ଦ୍ୱାରା ସମାଜ ଆଗକୁ ବଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ । ନାରୀଶକ୍ତି ଉଜ୍ଜିବୀତ ଦ୍ୱାରା ସଂପର୍କର ସେତୁ ସୁଦୃଢ଼ ହେବା ସହିତ ପୂଜ୍ୟପୂଜା ଓ ପରମ୍ପରା ପ୍ରତି ଉଚିତ ସମ୍ମାନ ମିଳିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଔପନ୍ୟାସିକା ତଥା ସୁସାହିତ୍ୟିକା ଇନ୍ଦିରା ଦାଶ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଲେଶ୍ୱର ମାଟି ପାଇଁ ଓଡ଼ିଆ ଭାଷା ବଂଚିଛି ବୋଲି ମତବ୍ୟକ୍ତ କରିଥିଲେ । ବାଲେଶ୍ୱରକୁ ସାହିତ୍ୟ ଓ ସଂସ୍କୃତିର ଆଦ୍ୟ ସହର ଭାବେ ଚିତ୍ରିତ କରି ଏହି ମାଟିପ୍ରତି ତାଙ୍କର ଆସକ୍ତି ତଥା ‘ଯୁଗଶ୍ରୀ ଯୁଗନାରୀ’ପତ୍ରିକା ପ୍ରତି ଆବେଗିକ ସଂପର୍କର ଅବତାରଣା କରିଥିଲେ । ଘନ ପରିଡ଼ା, ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘର ସଭାପତିହିମାଂଶୁ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ଯୁଗଶ୍ରୀ ଯୁଗନାରୀର ପୂଜା ସଂଖ୍ୟା ଉନ୍ମୋଚନ କରିଥିଲେ। ପତ୍ରିକାର ସଂପାଦିକା ମମତା ମହାପାତ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ ଇଂ. ଅଶୋକ ମହାପାତ୍ର, ଯଶୋଧାରା ଦାସ, ବିରଜା ଦେବୀ ଓ ଇଂ. ମନୋଜ ଦଳ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କଲ୍ୟାଣୀ ନନ୍ଦ , ସୁଶ୍ରୀ ଶ୍ୱେତାଲିସା ଶୁଭଦର୍ଶିନୀ, ସୁଶ୍ରୀ ତନ୍ମୟୀ ପାଢୀ, ବାଳକ ଓଁ ସାଇକ୍ରିଷ୍ଣା ଓ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଏଥିରେ ସଂଗୀତ ଗାନ କରିଥିଲେ । ପଣ୍ଡିତ ସଂଜୟ କୁମାର ପଣ୍ଡାଙ୍କ ମଂଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ କମଳାକାନ୍ତ ଦାଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ପ୍ରଶାନ୍ତ ବେହେରାଙ୍କ ବିୟୋଗରେ ନିରବ ପ୍ରାର୍ଥନା ଓ ଶୋକାଞ୍ଜଳି ଅର୍ପଣ କରାଯାଇଥିଲା । ଗୀତାଞ୍ଜଳି ସିଂହ, ସ୍ମୃତି ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବସନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ନଦୀ କୂଳରୁ ଅତଡ଼ା ଖସୁଛି, ଭୟଭୀତ ଗ୍ରାମବାସୀ

ଧର୍ମଶାଳା,୧୫।୧୦(ସକାଳଖବର): ବରୀ ବ୍ଲକ ଅଟିରା ପଂଚାୟତ ଅରୁଆଳ ଗ୍ରାମର ବ୍ରାହ୍ମଣୀ ନଦୀର ତିନି ମୁହାଣ ନିକଟରେ ନଦୀ ବନ୍ଧ ଅତଡା ଖସିବା ଆରମ୍ଭ କରିଛି। ନଦୀ କୂଳରେ ପୂର୍ବରୁ ହୋଇଥିବା ପଥର ପ୍ୟାକିଂ ଖସିବା ଆରମ୍ଭ କରିଥିବାରୁ ନଦୀ କୂଳିଆ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ପ୍ରବଳ ବର୍ଷା ଯୋଗୁ ବନ୍ଧରୁ ଗଡୁଥିବା ବର୍ଷା ଜଳ ପଥରରେ ମାଡ ହୋଇ ପଥର ତଳର ମାଟିକୁ ଦୁର୍ବଳ କରିବା ସହ ପଥର ଧସି ଯାଉଛି। ଏହି ନଦୀ କୂଳରେ ବହୁ ପରିବାର ରହୁଥିବା ବେଳେ ବନ୍ଧ ଏପରି ଅବସ୍ଥା ଦେଖି ଭୟଭୀତ ହୋଇ ରହିଛନ୍ତି। ପଥର ଧସି ଯାଉଥିବାରୁ ନଦୀ ଅତଡା ଖାଇବା ଆରମ୍ଭ କରିଛି। ଯାହାକି ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ବନ୍ଧ ମରାମତି ଆବଶ୍ୟକ ହୋଇପଡିଛି। ଯାହାକି ଗ୍ରାମର ରାଜ୍ୟ ପଛୁଆ ବର୍ଗ ମୋର୍ଚ୍ଚାର ଉପ ସଭାପତି ଆଶୁତୋଷ ପରିଡା, ଗୌରାଙ୍ଗ ପରିଡା ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ବନ୍ଧ ମରାମତି କରି ନୂତନ ଭାବେ ପଥର ପ୍ୟାକିଂ କରିବାକୁ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡିବାକୁ ଦାବି ହେଉଛି।